# ଘୃଣା

ଘୃଣା କରେ
ତୁମ କଥାକୁହା ଆଖି
ଛୁଆଁ ଛୁଆଁ ଶବ୍ଦ
ଲାଖିରଖା ରୂପ
ମୋ ଏକାନ୍ତ
ନିଜ ପଣକୁ ।।୧

ଘୃଣା କରେ
ତୁମ କୁମାରୀତ୍ୱ
ବଢିଲା ବୟସକୁ
ତୁମ ଖିଆଲି ମନ
ଲାଜ, ଚାହାଣୀକୁ
ଥରେ ଆସନ୍ତ
ମୋ ସ୍ୱପ୍ନ ରାଇଜକୁ
ମୋ ବଗିଚାରେ
ଫୁଲ ତୋଳନ୍ତ
ତୁମ କୋଳରେ
ମୋ ମୁଣ୍ଡ
ଆଉଁସି ଥାନ୍ତ ।।୨

ଖୁବ୍ ଘୃଣା କରେ
ଏଣୁ ତୁମ ପାସେ
ମୋ ସମୟ କାଟେ
କଥା କହେ
କିଛି ନ ଥାଇ
ମୋ ନ ଥିଲା
କଥାରେ ହିଁ
ପ୍ରବଳ ଭାବ
କୁଆଡେ

ତୁମେ କହନ୍ତ
ମୋ ପୂର୍ବରୁ
ଗୁଢ ରହସ୍ୟ ।।୩

ଘୃଣା କରେ ବୋଲି
ନିତି ତୁମ
ପାଖକୁ ଆସେ
ବାଘ ଭଳି
ଗପି ଯାଏ
ହରିଣ ପରି
ପୁଣି ଶୁଣେ ।।୪

ଭଲପାଏ ବୋଲି
ହିଁ ତ
ଘୃଣା କରେ, ତୁମକୁ
ଖୁବ୍ ଘୃଣା କରେ ।।।୫

ଦିଗମ୍ବର ପାତ୍ର